# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**26 August - 2024**

**News Editor : *Itishree Singh Rathaur***

# ଲକ୍ଷପତି ଦିଦି-ମୁଖ୍ୟମନ୍ତ୍ରୀ

ରାଜ୍ୟରେ ଗତକାଲି ପ୍ରତି ବ୍ଲକରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୧ଲକ୍ଷ ଲକ୍ଷପତି ଦିଦିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝି କହିଛନ୍ତି, ଦେଶରେ ମାତୃଶକ୍ତିଙ୍କ ସାମଗ୍ରିକ ବିକାଶ ପାଇଁ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି । ଲକ୍ଷପତି ଦିଦିଙ୍କୁ ସମ୍ମାନୀତ କରିବା ତଥା ତାଙ୍କ ପାଇଁ ଅର୍ଥରାଶି ମଞ୍ଜୁର କରିବା ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହା ଦେଶରେ ମହିଳା ସଶକ୍ତିକରଣରେ କ୍ରାନ୍ତି ଆଣିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସୂଚନା ଅନୁସାରେ ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହାରାଷ୍ଟ୍ରର ଜଲଗାଁଓରେ ୧୧ଲକ୍ଷ ଲକ୍ଷପତି ଦିଦିଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ ।

# ଜନଶୁଣାଣି ଅଭିଯୋଗ ବନ୍ଦ

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆଜି ବନ୍ଦ ରହିବ । ଆଜି ଜନ୍ମାଷ୍ଟମୀ ପାଇଁ ସରକାରୀ ଛୁଟି ଥିବାରୁ ଜନଶୁଣାଣୀ ବନ୍ଦ ରହିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ଧର୍ମେନ୍ଦ୍ର ପ୍ରଧାନ-ପର୍ଯ୍ୟଟନ

କେନ୍ଦ୍ର ସରକାର ପୂର୍ବୋଦୟ ଯୋଜନାରେ ଓଡିଶାର ପର୍ଯ୍ୟଟନ କ୍ଷେତ୍ରର ଉନ୍ନତି ପାଇଁ ଗୁରୁତ୍ୱ ଦେଉଛନ୍ତି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ପୁରୀରେ ଏକ ପଞ୍ଚତାରକା ହୋଟେଲର ଉଦ୍‌ଘାଟନ ଉତ୍ସବରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି ହେଲେ ରାଜ୍ୟର ଯୁବପିଢି ବ୍ୟାପକ କର୍ମନିଯୁକ୍ତି ପାଇବା ସହ ଅର୍ଥନୀତି ସୁଦୃଢ ହେବ । ରାଜ୍ୟରେ ଅଧିକ ଶିଳ୍ପ ପ୍ରତିଷ୍ଠା ସହ ପର୍ଯ୍ୟଟନର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତଭାବେ କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

# ସଚିବଙ୍କ ଜିଲ୍ଲା ଗସ୍ତ

ସରକାରଙ୍କର ପ୍ରମୁଖ ଯୋଜନା ଓ କାର୍ଯ୍ୟକ୍ରମଗୁଡିକର ଉପଯୁକ୍ତ କାର୍ଯ୍ୟାନ୍ୱୟନ ପାଇଁ ବିଭାଗୀୟ ସଚିବମାନେ ବିଭିନ୍ନ ଜିଲ୍ଲା ଗସ୍ତ କରିବେ ବୋଲି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି । ସରକାରୀ କାର୍ଯ୍ୟକ୍ରମର ପରିଚାଳନା ଓ ବ୍ୟବସ୍ଥାରେ ପାରଦର୍ଶିତା ଆଣିବା ସହ ନୂତନ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଲାଗି ସଚିବମାନଙ୍କୁ ପରାମର୍ଶ ଦିଆଯାଇଛି । ସେହିଭଳି ବିଭାଗୀୟ ସଚିବ ମାନେ ସର୍ବନିମ୍ନ ଦୁଇଦିନ ଜିଲ୍ଲା ଗସ୍ତ କରିବା ସହ ସାଧାରଣ ଲୋକଙ୍କୁ ମିଳୁଥିବା ବିଭିନ୍ନ ସରକାରୀ ସେବା ସମ୍ପର୍କରେ ତଦାରଖ କରିବେ ବୋଲି ଜଣାପଡିଛି ।

# ହାତୀ ମୃତ୍ୟୁ ଘଟଣା

ରାଜ୍ୟରେ ଗତ ୫ମାସ ମଧ୍ୟରେ ୪୦ରୁ ଅଧିକ ହାତୀଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି । ଏ ନେଇ ବନପ୍ରାଣୀ ମୁଖ୍ୟ ବନ ସଂରକ୍ଷକ ଜଙ୍ଗଲ ସୁରକ୍ଷା ଦାୟିତ୍ୱରେ ଥିବା ସ୍କ୍ୱାର୍ଡଙ୍କୁ ପାଟ୍ରୋଲିଂକୁ ଜୋରଦାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ରାଜ୍ୟରେ ୩୯୭ଟି ସ୍କ୍ୱାର୍ଡ ଜଙ୍ଗଲକୁ ଜଗି ରହିଛନ୍ତି । ଏମାନଙ୍କୁ ମାସିକ ରିପୋର୍ଟ ଦାଖଲ କରିବାକୁ ସମସ୍ତ ବନଖଣ୍ଡ ଅଧିକାରୀଙ୍କୁ କୁହାଯାଇଛି । ରାଜ୍ୟ ବନ୍ୟପ୍ରାଣୀ ମୁଖ୍ୟାଳୟ ପକ୍ଷରୁ ଏ ନେଇ ସମସ୍ତ ଆର.ସି.ସି.ଏଫଙ୍କୁ ଚିଠି ଲେଖାଯାଇଛି ।

# ଆଇଜିଙ୍କ ସମୀକ୍ଷା

ବୌଦ୍ଧ ଜିଲ୍ଲାର ଉପାନ୍ତ ଅଞ୍ଚଳରେ ବ୍ରହ୍ମପୁର ମଣ୍ଡଳ ଆଇ.ଜି. ଜୟନାରାୟଣ ପଙ୍କଜ ମାଓବାଦୀ ଗତିବିଧିର ସମୀକ୍ଷା କରିଛନ୍ତି । ଏହାସହ ଘଣ୍ଟାପଡା ଥାନା ଓ ବିଏସଏଫ କ୍ୟାମ୍ପକୁ ପରିଦର୍ଶନ କରିଛନ୍ତି ।

# ଜନ୍ମାଷ୍ଟମୀ-ପୁରୀ

ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରୀକୃଷ୍ଣ ଜନ୍ମୋତ୍ସବ ପୂଜାନୀତି ଅନୁଷ୍ଠିତ ହେବ । ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ପ୍ରଭୁ ଶ୍ରୀକୃଷ୍ଣ ଧରାବତରଣ କରିବାର ପରମ୍ପରାକୁ ଅନୁକରଣ କରି ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ହେବ। ଗତକାଲି ପ୍ରସବ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଜେଉଡ ଭୋଗ ସହ ଗର୍ଭଉଦକ ବନ୍ଦାପନା ନୀତି ହୋଇଥିଲା । ଆଜି ସ୍ୱତନ୍ତ୍ର ଭାବେ ଭଣ୍ଡାରଗୃହ ସମ୍ମୁଖରେ ଶ୍ରୀକୃଷ୍ଣଙ୍କର ଜନ୍ମନୀତି ପାଳନ କରାଯିବ । ମହାଜନ ସେବାୟତ ଦେବକୀ ଓ ବସୁଦେବ ବେଶରେ

ଉପସ୍ଥିତ ରହି ନିଶାର୍ଦ୍ଧରେ ଏହି ଜନ୍ମନୀତି ସମ୍ପାଦନ କରିବା ସହ ନାଭିକଟା ମଣ୍ଡପରେ ବିଶେଷବିଧି କରାଯିବାର ପରମ୍ପରା ରହିଛି । ରାଜ୍ୟର ବିଭିନ୍ନ ମଠ ଓ ମନ୍ଦିରଗୁଡିକରେ ମଧ୍ୟ ଶ୍ରୀକୃଷ୍ଣ ଜନ୍ମୋତ୍ସବ ପାଳନ କରାଯାଉଛି ।

## ନୂଆଖାଇ

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ନିମନ୍ତେ ଲଗ୍ନ ନିର୍ଦ୍ଧାରଣ ପାଇଁ ଆସନ୍ତାକାଲି ଦିନ ଧାର୍ଯ୍ୟ କରାଯାଇଛି। ସମ୍ବଲପୁର-ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ କମିଟି ପକ୍ଷରୁ ଏହି ସୂଚନା ଦିଆଯାଇଛି। ଜନ୍ମାଷ୍ଟମୀ ପରଦିନ ଅର୍ଥାତ ନନ୍ଦୋତ୍ସବ ଦିନ ପ୍ରତିବର୍ଷ ନୂଆଁଖାଇ ଲଗ୍ନ ନିର୍ଦ୍ଧାରଣ କରାଯାଇଥାଏ। ବ୍ରହ୍ମପୁରା ମନ୍ଦିର ପରିସରରେ ବ୍ରହ୍ମ ପଣ୍ଡିତ ମହାସଭା ବସି ଲଗ୍ନ ନିର୍ଦ୍ଧାରଣ କରାଯିବାର ପରମ୍ପରା ରହିଛି । ବିଷ୍ଣୁ ସହସ୍ର ନାମ ପାଠ ପରେ ମା' ସମଲେଶ୍ୱରୀଙ୍କ ରାଶି ନକ୍ଷତ୍ର ଗଣନା କରି ଏହି ଲଗ୍ନ ନିର୍ଦ୍ଧାରଣ ହୋଇଥାଏ।

# ସଡକ ସୁରକ୍ଷା ପ୍ରଶିକ୍ଷଣ

ସଡକ ସୁରକ୍ଷା ଦିଗରେ ପଦକ୍ଷେପ ସ୍ୱରୂପ ଆଗକୁ ସରକାରୀ ଯାନ ଚାଳନା ପ୍ରଶିକ୍ଷଣ କେନ୍ଦ୍ର ବୃଦ୍ଧି କରାଯିବ ବୋଲି ବିଭାଗୀୟ ମନ୍ତ୍ରୀ ବିଭୂତି ଭୂଷଣ ଜେନା  କହିଛନ୍ତି । ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରରେ  ଥିବା ସରକାରୀ ଯାନ ଚାଳନା ପ୍ରଶିକ୍ଷଣ କେନ୍ଦ୍ରର ବାର୍ଷିକ ଉତ୍ସବରେ ଯୋଗଦେଇ ମନ୍ତ୍ରୀ ଏହା କହିଛନ୍ତି । ସୂଚନାଯୋଗ୍ୟ ରାଜ୍ୟର ଚାରୋଟି ସ୍ଥାନରେ ଥିବା ଏହି ପ୍ରଶିକ୍ଷଣ କେନ୍ଦ୍ରରୁ ୫ହଜାରରୁ ଅଧିକ ନୂତନ ଚାଳକ ସୃଷ୍ଟି ହୋଇଛନ୍ତି ।

## ହୀରାକୁଦ ଜଳଭଣ୍ଡାର

ହୀରାକୁଦ ଜଳଭଣ୍ଡାର ୨୦ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି।  ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ୩ ଲକ୍ଷ ୧୦ ହଜାର ୩୨୬ ଘନଫୁଟ ଜଳ ଛଡ଼ାଯାଉଛି। ସେହଭଳି  ୩ଲକ୍ଷ ୫୪ହଜାର ୫୧୧ଘନଫୁଟ ଜଳ ଜଳଭଣ୍ଡାରକୁ ପ୍ରବେଶ କରୁଛି । ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇ ୬୨୧ ଦଶମିକ ୭/୭ ଫୁଟ୍ ରହିଛି।

# ପାଣିପାଗ

ବାଂଲାଦେଶ ଓ ଆଖାପାଖ ଅଞ୍ଚଳରେ ଗତକାଲି ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ସେହିଭଳି ଆସନ୍ତା ୨୪ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ ଓ ଝାରସୁଗୁଡା ଜିଲ୍ଲାର କେତେକ ସ୍ଥାନରେ ଅତି ପ୍ରବଳ ବର୍ଷାର ସମ୍ଭାବନା ଥିବା ନେଇ ସତର୍କ ସୂଚନା ଜାରି କରାଯାଇଛି ।